ଧରିତ୍ରୀ
DHARITRI
ଶୁକ୍ରବାର, ଅକ୍ଟୋବର ୨୩, ୨୦୨୦



## ସଂକ୍ଷେପରେ

### ଗଜପତିରୁ ୪ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି, ୨୨।୧୦(ସ୍ୱ.ପ୍ର.)- ଗଜପତି ଜିଲାରୁ ଗୁରୁବାର ୪ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୭୭ରେ ପହଞ୍ଚିଛି। ଏହି ୪ଜଣଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୩ଜଣ, ମୋହନା ବ୍ଲକରୁ ଜଣେ ରହିଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କୋଡିଙ୍ଗା,୨୨।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାଲେଙ୍ଗା ପଞ୍ଚାୟତ ବରଗୁଡା କାଜୁବାଡି ନିକଟରେ ଗୁରୁବାର ଭାଲୁ ଆକ୍ରମଣରେ କମଲସିଂ ଗୌଡ (୪୦) ଗୁରୁତର ହୋଇଛନ୍ତି। କମଲସିଂ ଧାନ ବୋହିବା ପାଇଁ ଜମିକୁ ଯିବା ସମୟରେ କାଜୁବାଡରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ପାଟି କରିଥିଲେ। ଲୋକଙ୍କୁ ଦେଖି ଭାଲୁଟି ଜଙ୍ଗଲକୁ ପଳାଇଥିଲା। କମଲସିଂଙ୍କ ଗୋଡ ଓ ପିଠିରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କମଲସିଂଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚାଷୀଙ୍କୁ ପନିପରିବା ବିହନ ମିନି କିଟ୍ ବଣ୍ଟନ

ଡାବୁଗାଁ, ୨୨।୧୦ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଧାମନାଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଉଦ୍ୟାନ ବିଭାଗ ତରଫରୁ ଚାଷୀମାନଙ୍କୁ ପନିପରିବା ବିହନ ମିନିକିଟ ଗୁରୁବାର ବଣ୍ଟନ କରାଯାଇଛି। ଝରିଗାଁ ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ବିହନ କିଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସୁନାମଣି ମାଝି, ନାଏବ ସରପଞ୍ଚ ମନୁ ଭତ୍ରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୀମୂତ ବାହନ ଭଞ୍ଜ, ଚାଟିଗୁଡା ପୂର୍ବତନ ସରପଞ୍ଚ ଫଗୁଣ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୭୫ ଜଣ ଚାଷୀଙ୍କୁ ବିହନ ବଣ୍ଟନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍ୟାନ କର୍ମଚାରୀ ରାମଚନ୍ଦ୍ର ଭତ୍ରା ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଚନ୍ଦାହାଣ୍ଡି, ୨୨।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ବରିଗୁଡ଼ା ଗ୍ରାମର ଟିକମ ସାହୁ(୩୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଟିକମ ଗୁରୁବାର ସକାଳ ୯ ଟାରେ ବିଲକୁ ଧାନ ଅମଳ ପାଇଁ ଯାଇଥିଲେ। ବିଲରେ ଏକ ବିଷାକ୍ତ ନାଗ ସାପ ତାଙ୍କ ଗୋଡକୁ କାମୁଡି ଦେବାରୁ ସେ ଅଚେତ ହୋଇଯାଇଥିଲେ। ସେଠାରେ ଥିବା ଲୋକମାନେ ଟିକମଙ୍କ ପରିବାର ଓ ୧୦୮କୁ ଖବର ଦେଇଥିଲେ। ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଥିଲେ। ଏସ୍ଆଇ ସମୀର ପ୍ରଧାନ, ଏଏସ୍ଆଇ ଲଳିତ ପଣ୍ଡା ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲେ। ଚନ୍ଦାହାଣ୍ଡି ଥାନାରେ ୧୯/୨୦ରେ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ବିଜୁରାମ ବାଘ ସୂଚନା ଦେଇଛନ୍ତି।

# ତହସିଲ କାର୍ଯ୍ୟାଳୟରୁ ବୋହିନେଲେ ପାଲ

**ଭିଡିଓ ବାର୍ତ୍ତାରେ ସୂଚନା ଦେଲେ ଜିଲାପାଳ**

ପାରଳାଖେମୁଣ୍ଡି,୨୨।୧୦ (ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ତହସିଲ କାର୍ଯ୍ୟାଳୟରୁ ପାଲ ଲୁଟିନେବା ଘଟଣାକୁ ନେଇ ଜିଲାପାଳ ଅନୁପମ ସାହା ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୯ରୁ ୨୩ ପର୍ଯ୍ୟନ୍ତ ଜିଲାରେ ପ୍ରବଳ ବର୍ଷା ନେଇ ରାଜ୍ୟ ପାଣିପାଗ ବିଭାଗ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନା ଅନୁଯାୟୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଜିଲାର ୭ଗୋଟି ତହସିଲ ତଥା ବ୍ଲକ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଗତ ୨୦ତାରିଖରେ ଗୁମ୍ମା ଆର୍ଆଇ ସର୍କଲରେ ପାଲ ବଣ୍ଟାକୁ ନେଇ କେତେଜଣ ଲୋକ ପାଟିତୁଣ୍ଡ କରିବାରୁ ତହସିଲ କାର୍ଯ୍ୟାଳୟରେ ସମସ୍ୟା ଉପୁଜିଥିଲା। କାର୍ଯ୍ୟାଳୟରେ ଧସେଇ ପଶି ମହଜୁଦ ରଖାଯାଇଥିବା ପାଲକୁ କେତେକ ଲୋକେ ନେଇଯାଇଥିଲେ। ଖବର ପାଇ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଜିଲାପାଳ ସୂଚାଇଛନ୍ତି ଯେ, ଯେଉଁମାନେ ପାଲ ପାଇବାକୁ ଯୋଗ୍ୟ ସେମାନଙ୍କୁ ନିଶ୍ଚିତ ଦିଆଯିବ ଏବଂ ଗାଇଡ୍‌ଲାଇନ ଅନୁଯାୟୀ ପ୍ରଶାସନ ସମସ୍ତ ସହଯୋଗ କରିବ।

ଅନ୍ୟପକ୍ଷରେ ଘଟଣା ଦିନ ରାଜସ୍ୱ ନିରୀକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରିବା ସହ ପ୍ରତିବାଦ କରିଥିଲେ କେତେଜଣ ଅଞ୍ଚଳବାସୀ। ସେଥିପ୍ରତି କେହି କର୍ଣ୍ଣପାତ ନକରିବାରୁ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମର ଲୋକମାନେ ଉତ୍ତ୍ୟକ୍ତ ହୋଇ ତହସିଲ କାର୍ଯ୍ୟଳରେ ପଶି ଭଙ୍ଗାରୁଜା କରିବା ସହ ପାଲ ଲୁଟି ନେଇଥିଲେ। ଏହି ଲୁଟ୍‌ପାଟ ଓ ଭଙ୍ଗାରୁଜାକୁ ଦେଖି ତହସିଲ କାର୍ଯ୍ୟାଳୟର କର୍ମଚାରୀ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ କାର୍ଯ୍ୟାଳୟ ପରିସରରେ କେତେଜଣ ଲୋକ ଅଟକି ଯାଇଥିଲେ। ପରେ ସେହି ଲୋକମାନେ ପାଲ ବୋହି ନେଇଥିବା ଦେଖିବାକୁ ମିଳିଥିଲା। ଏନେଇ ଗୁମ୍ମା ତହସିଲଦାର ଚିତ୍ତରଞ୍ଜନ ଦାସ ସେରଙ୍ଗ ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏନେଇ ଗୁମ୍ମା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ସମ୍ପତ୍ତି ଲୁଟ୍ ଅଭିଯୋଗରେ ଚିହ୍ନଟ ହୋଇଥିବା ୧୧ଜଣଙ୍କ ସମେତ ବହୁ ବ୍ୟକ୍ତିଙ୍କ ନାମରେ ଏତଲା ପରେ ମାମଲା (ନଂ.୯/୨୦)ରୁଜୁ କରାଯାଇଥିବା ଥାନା ଅଧିକାରୀ ସ୍ୱରୂପ କିଷାନ କହିଛନ୍ତି।

## ନଦୀରେ ଫସିଥିବା ଗାଈ ଉଦ୍ଧାର



ନଦୀରେ ଅଟକି ରହିଥିବା ଗାଈ।

ପାଟପୁର,୨୨।୧୦

ସାନଖେମୁଣ୍ଡି ବ୍ଲକ ବୁଡ଼ଙ୍ଗପୁର ପଞ୍ଚାୟତ ପଳାସପୁର ଘୋଡ଼ାହାଡ଼ ନଦୀରୁ ଗୁରୁବାର ଦିଗପହଣ୍ଡି ଅଗ୍ନିଶମ ବାହିନୀ ଏକ ଗାଈକୁ ଉଦ୍ଧାର କରିଛି। ମଧ୍ୟାହ୍ନରେ ନଦୀ ତଟରେ ପାଟପୁରର ନିରଞ୍ଜନ ଗୌଡ଼ଙ୍କ ଗୋରୁପଲ ଚରୁଥିବାବେଳେ ଏକ ଗାଈ ପାଣି ପିଇବାକୁ ନଦୀ ମଧ୍ୟକୁ ଯାଇ ପ୍ରଖର ସ୍ରୋତକୁ ଚାଲିଯାଇଥିଲା। ଭାସିଯିବା ବେଳେ ଏକ ବଡ ପଥରରେ ଲାଗି ରହିଯାଇଥିଲା। ଖବର ପାଇ ଅଗ୍ନିଶମ ବାହନୀ ଘଟଣା ସ୍ଥଳରେ ପହଞ୍ଚି ଗାଈଟିକୁ ନଦୀ ମଝିରୁ ଉଦ୍ଧାର କରିଥିଲେ।

# ସ୍ୱଚ୍ଛତା, କରୋନା ସଚେତନତା ସାଇକେଲ ରାଲି



ଶେରଗଡ ଚାରିଛକରେ ପଥପ୍ରାନ୍ତ ସଭା।

**ଛତ୍ରପୁରରେ ସଚେତନ କଲେ ପିଡି, ଉପଜିଲାପାଳ**

ଛତ୍ରପୁର,୨୨।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଜିଲାବ୍ୟାପୀ ସ୍ୱଚ୍ଛତା ଓ କରୋନା ସଚେତନତା ସାଇକେଲ ରାଲି ଚାଲିଛି। ଛତ୍ରପୁର ଏନ୍ଏସି ପକ୍ଷରୁ ଗୁରୁବାର ଏହି ରାଲି ଆୟୋଜନ କରାଯାଇଥିଲା। ଏନ୍ଏସିର ପ୍ରଶାସନିକ ଅଧିକାରୀ ତଥା ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଏନ୍ଏସି ନିର୍ବାହୀ ଅଧିକାରୀ ଏନ୍ ଗଣେଶ ବାବୁଙ୍କ ସମେତ ଏନଏସି କର୍ମଚାରୀମାନେ ସାମିଲ ହୋଇ ସାଇକେଲରେ ବୁଲି ଲୋକଙ୍କୁ ସ୍ୱଚ୍ଛତା ଓ କରୋନା ଉପରେ ସଚେତନ କରାଇଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ପକ୍ଷରୁ କରୋନା ଓ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ସଚେତନତା ନିମନ୍ତେ ଗୁରୁବାର ସାଇକେଲ ରାଲି ହୋଇଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୌର କର୍ମଚାରୀ ଓ କୋଭିଡ୍ ମନିଟର ରାଲିରେ ବିଭିନ୍ନ ୱାର୍ଡ ବୁଲି ଲୋକଙ୍କୁ ସଚେତନ କରିଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ରାଲିରେ ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଜନ୍ମେଜୟ ସାହୁ, ଥାନା ଆଇଆଇସି ଅଭିମନ୍ୟୁ ଦାସ ପ୍ରମୁଖ ଯୋଗଦେଇଥିଲେ।

**ଶେରଗଡ:** ଶେରଗଡ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଭାବେ କୋଭିଡ୍ ସଚେତନତା ରାଲି ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକଠାରୁ ଏକ ସାଇକେଲ ରାଲିକୁ ବିଡିଓ ସୁରଞ୍ଜନ କୁମାର ସାହୁ ଶୁଭାରମ୍ଭ କରିବାପରେ ଏହା ବିଭିନ୍ନ ସାହି ପରିକ୍ରମା କରି ଚାରିଛକରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଡିଓ ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ବାଲାଜି ପ୍ରଧାନ, ମେଘନାଦ ଦାସ ପ୍ରମୁଖ ଯୋଗଦେଇ କରୋନା ସମ୍ପର୍କରେ ସଚେତନ କରାଇଥିଲେ।

## ଆର୍ଆଇ, ତହସିଲ ଅଫିସ କାର୍ଯ୍ୟ ସମୀକ୍ଷା

ଶେରଗଡ,୨୨।୧୦(ଡି.ଏନ୍.ଏ.)

ଶେରଗଡ ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ସର୍କଲ ଓ ତହସିଲ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡ. ଦୟାସିନ୍ଧୁ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟକ ସର୍କଲରେ ବାଲି, ପଥର, ମୋରମ ଆଦି ଚୋରା ଚାଲାଣ ନେଇ ନିୟମିତ ଚଢାଉ କରି ଚାଲାଣ କାଟିବାକୁ ତହସିଲଦାର କହିଥିଲେ। ପ୍ରତି ସପ୍ତାହରେ ଆର୍ଆଇମାନେ ଏନେଇ ଧରପଗଡ କରି ରାଜସ୍ୱ ଆଦାୟ ବୃଦ୍ଧି କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ପୁରୁଣା ଜମିଜମା ମାମଲା ତୁରନ୍ତ ଫଇସଲା କରିବାକୁ ତହସିଲଦାର କହିଥିଲେ।

# ଆଦିବାସୀଙ୍କ ସହ ଆଲୋଚନା କଲେ ଉପଜିଲାପାଳ

**ଥଇଥାନ ଦାବିକଲେ ପାହାଡ ଉପର ଗ୍ରାମବାସୀ**

ପାତ୍ରପୁର,୨୨।୧୦(ଡି.ଏନ୍.ଏ.):

ପାତ୍ରପୁର ବ୍ଲକ ବାଘଲଟି ଜଳଭଣ୍ଡାର ଉପରମୁଣ୍ଡ ପାହାଡ ଉପରେ ଥିବା ବେହେରାପୁଟ୍ଟୁ, ଝରବାଡ, ବଣିଆବସା, ଏଲଗଲ, ମାଡୁଆଗୁମ୍ମା, ଶିରିଶିଗଣ୍ଡ ଗ୍ରାମବାସୀଙ୍କ ଥଇଥାନ ଓ ଉନ୍ନତି ପାଇଁ ଗୁରୁବାର ବ୍ଲକ ପରିସରରେ ଗ୍ରାମର କତେଜଣ ଆଦିବାସୀ ଓ ଉପ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ମଧ୍ୟରେ ଆଲୋଚନା ହୋଇଛି। ପାହାଡ ଉପରେ ଆମେ ବିଭିନ୍ନ ଅସୁବିଧାରେ ଥିଲେମଧ୍ୟ ପ୍ରଶାସନିକ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଇ ଆମକୁ ଠକୁଛନ୍ତି ବୋଲି ଆଦିବାସୀମାନେ ଅଭିଯୋଗ କରିଥିଲେ। ତିତ୍‌ଲି କ୍ଷୟକ୍ଷତି, ଘରଭଙ୍ଗା ସହାୟତା, ଗ୍ରାମକୁ ରାସ୍ତା ଓ ବିଭିନ୍ନ ଉନ୍ନତିକରଣ କାମ ପାଇଁ ଆଦିବାସୀମାନେ ନିବେଦନ କରିଥିଲେ। ପାହାଡ ଉପରେ ଥିବା ଗ୍ରାମବାସୀଙ୍କୁ ଥଇଥାନ ସହ ଆଦିବାସୀଙ୍କ ଅବସ୍ଥା ବୁଝିବାକୁ ଉପଜିଲାପାଳ ନିଜେ ଉକ୍ତ ଅଞ୍ଚଳ ଗସ୍ତ କରିବେ ବୋଲି କହିଥିଲେ। ଏଥିସହ ତୁରନ୍ତ ରାସ୍ତା, ଗାର୍ଡୱାଲ, ତିତ୍‌ଲି କ୍ଷତି ପୂରଣ ସହାୟତା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ବିଭିନ୍ନ ଗ୍ରାମର ଆଦିବାସୀଙ୍କ ସହ ତହସିଲଦାର ଅମିତ୍ କୁମାର ନାୟକ, ବିଡିଓ ପ୍ରକାଶ ଚନ୍ଦ୍ର ଦାସ ଓ ପ୍ରଶାସନିକ ଅଧିକାରୀ ଆଲୋଚନାରେ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ କରୋନା ସଚେତନତା

ପାଟପୁର,୨୨।୧୦

ସାନଖେମୁଣ୍ଡି ବିଜେଡି ପକ୍ଷରୁ ଗୁରୁବାର କରୋନା ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ଏଥିରେ ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନେତା ଓ କର୍ମୀମାନେ ପଦଯାତ୍ରାରେ ଯାଇ ଲୋକଙ୍କୁ କରୋନା ଭୂତାଣୁ ଠାରୁ କିପରି ଦୂରେଇ ରହି ହେବ ତାହା ସଚେତନ କରିବା ସହ ଆଗକୁ ଆସୁଥିବା ବିଭିନ୍ନ ପୂଜା ରାଜ୍ୟ ସରକାରଙ୍କ ପରାମର୍ଶ ପ୍ରକାରେ ଘରେ ପାଳିବାକୁ କହିଥିଲେ। ସାନଖେମୁଣ୍ଡି ବ୍ଲକ ଏସ.ଗୋପାଳପୁର, ଜୀଉରା, ଗାଙ୍ଗପୁର, ବୁଡ଼ଙ୍ଗପୁର ପଞ୍ଚାୟତରେ ଏହି ପଦଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଓସ୍କାର୍ଡ ବ୍ୟାଙ୍କ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ଆସିକା ଏମ୍‌ପି ପ୍ରତିନିଧି ଅନ୍ତର୍ଯ୍ୟାମୀ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଧୋବା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ସ୍ୱାଇଁ, ଖଲିଙ୍ଗି ସରପଞ୍ଚ ପ୍ରତିନିଧି ସଞ୍ଜୟ ରାଉତ, ପୋଡାମାରି ସରପଞ୍ଚ ପ୍ରତିନିଧି ସନ୍ତୋଷ ବିଷୋୟୀ, ଏରେଣ୍ଡ୍ରା ସରପଞ୍ଚ ପ୍ରତିନିଧି ସହଦେବ ପ୍ରଧାନ, କଉଡିଆ ସମିତି ସଭ୍ୟ ଅମିନ ପ୍ରଧାନଙ୍କ ସମେତ ଏକ ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ।




ବିଜେଡି ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

# ଶାଳକାଠ ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତମାନେ।

ଡାବୁଗାଁ, ୨୨।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ କୋଇଲାରି ସଂରକ୍ଷିତ ଜଙ୍ଗଲ ନିକଟରେ ଶାଳ କାଠ କାଟି ପଟା କରିବାବେଳେ ଡାବୁଗାଁ ବନବିଭାଗ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗରାଚଚରା ଗାଁର ପୁସ୍ତମ ଭତ୍ରା (୪୦) ଓ ଟମନ ଭତ୍ରା (୨୮)।

ପ୍ରକାଶ ଯେ, ପୁସ୍ତମ ଓ ଟମନ ଶାଳ କାଠ କାଟି ପଟା କରୁଥିବା ନେଇ ବନବିଭାଗ ଖବର ପାଇ ସେଠାରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ୧ ଟାଙ୍ଗିଆ, ୧ଟି ହାତ କରତ ଓ କିଛି ସାଇଜ କାଠ ବନବିଭାଗ ଜବତ କରିଛି। ଜବତ କାଠର ଆନୁମାନିକ ସରକାରୀ ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ସେତୁ ରଞ୍ଜନି ଗମାଙ୍ଗୋ ସୂଚନା ଦେଇଛନ୍ତି। ଏହି ଚଢାଉରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ଜଟାବାଲ ବନପାଳ ରାମଚନ୍ଦ୍ର ଜାନୀ, ବନରକ୍ଷୀ ପ୍ରକାଶ ସରକାର ଓ ମନୋରଞ୍ଜନ ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଏ ନେଇ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ କେସ ନଂ ୧୬୦/୨୦୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି।

### ରାୟଗଡ଼ାରୁ ୧୪ ପଜିଟିଭ

ରାୟଗଡ଼ା ଅଫିସ,୨୨।୧୦- ରାୟଗଡ଼ା ଜିଲାରୁ ଗୁରୁବାର ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୁରୁବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ରାୟଗଡ଼ା ଅର୍ବାନରୁ ୫, ବିଷମକଟକ, ଗୁଣପୁର ଗ୍ରାମୀଣ, କଲ୍ୟାଣସିଂହପୁର ଓ ମୁନିଗୁଡ଼ାରୁ ୨ଜଣ ଲେଖାଏ, କାଶୀପୁରରୁ ୧ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨ ଜଣ କରୋନା ଯୋଦ୍ଧା ରହିଛନ୍ତି।

# ଅଭିଶପ୍ତ ପାଲଟିଛି ତହସିଲଦାର ପଦ

ଗୁଣପୁର,୨୨।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ତହସିଲଦାର ପଦବୀ ଅଭିଶପ୍ତ ପାଲଟିଥିବା ଅନୁମାନ କରାଯାଉଛି। ଗତ କିଛି ବର୍ଷର ତହସିଲଦାରମାନଙ୍କ ଘଟଣାକ୍ରମ ଅନୁଶୀଳନ କଲେ ତାହା ହିଁ ଅନୁଭବ କରାଯାଉଛି। ତହସିଲଦାରମାନେ ବିଭିନ୍ନ କାରଣରୁ ଛନ୍ଦିହୋଇ ବିବାଦୀୟ ହୋଇପଡିଛନ୍ତି। ବାଲିଠାରୁ ଆରମ୍ଭକରି ପଥର ଖାଦାନ ଏବଂ ଜାଲ୍ ରେଡ୍‌କ୍ରସ୍ ନାମରେ ମିଥ୍ୟା ରସିଦ କରି ଟଙ୍କା ଉଠାଣ ପରି ଅନେକ ଅଭିଯୋଗରେ ବିଭିନ୍ନ ସମୟରେ ତହସିଲଦାରମାନେ ଛନ୍ଦି ହୋଇପଡ଼ିଛନ୍ତି। ଏପରିକି କେତେଜଣ ତହସିଲଦାରଙ୍କ ନାମରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଆନ୍ଧ୍ରରେ ବାଲିର ଦର ବୃଦ୍ଧି ଯୋଗୁ ଗୁଣପୁର ଅଞ୍ଚଳରୁ ବାଲି ଚାଲାଣ ଘଟଣାରୁ ଆରମ୍ଭକରି ଶେଷରେ ପଥର ଖାଦାନରେ ବିସ୍ଫୋରଣ ପାଇଁ ତହସିଲଦାରମାନେ ବିବାଦୀୟ ହୋଇପଡିଛନ୍ତି।

ତତ୍କାଳୀନ ତହସିଲଦାର ଅଶୋକ କୁମାରଙ୍କ ସମୟରେ ବାଲି ଚାଲାଣକୁ ନେଇ ଖୁବ୍ ହଇଚଇ ସୃଷ୍ଟି ହୋଇଥିଲା। ୨୦୧୭ରେ ଅକ୍ଷମିତ୍ରା କାର୍ତ୍ତିକ ତହସିଲଦାର ଭାବେ ଯୋଗଦେଇଥିଲେ। ସେ ରେଡ୍‌କ୍ରସ୍ ନାମରେ ଜାଲ୍ ରସିଦ କରି ବିବାଦରେ ଛନ୍ଦିହୋଇ ପଡିଥିଲେ। ଶେଷରେ ତାଙ୍କ ନାମରେ ଗୁଣପୁର ଥାନାରେ ତତ୍କାଳୀନ ଉପଜିଲାପାଳ ତଥା ବର୍ତ୍ତମାନର ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ ଥାନାରେ ଅଭିଯୋଗ କରିଥିଲେ। ଶେଷରେ ସେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫।୧।୨୦୧୮ରେ ଗୁଣପୁର ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଆସିଛନ୍ତି। ଏଥିସହ ତହସିଲଦାର ଅକ୍ଷମିତ୍ରା କାର୍ତ୍ତିକ ଏବଂ ଓକିଲ ସଂଘ ମଧ୍ୟରେ ବିବାଦ ହୋଇଥିଲା। ଓକିଲମାନେ ତାଙ୍କୁ ଏଠାରୁ ବଦଳି ଦାବିକରି କୋର୍ଟ କାର୍ଯ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ଶେଷରେ ସେ ବିବାଦୀୟ ହୋଇ ଏଠାରୁ ୮ ମାସ ରହି ବଦଳି ହୋଇଥିଲେ। ଏହାପରେ ନମତା ମୋଦି କାର୍ଯ୍ୟରେ ଯୋଗଦେଇଥିଲେ। ରଥଯାତ୍ରା ପରିଚଳନାରେ ତ୍ରୁଟି ସହ ରଥଯାତ୍ରା କରାଇଦେବେ ନାହିଁ ବୋଲି କହି ସେ ବିବାଦୀୟ ହୋଇପଡିଥିଲେ। ଶେଷରେ ସେ ମଧ୍ୟ ବିବାଦୀୟ ପରିସ୍ଥିତିରେ ବିଦା ହୋଇଥିଲେ। ଅତିରିକ୍ତ ତହସିଲାଦର ଦାୟିତ୍ୱରେ ରହିବା ପରେ ତହସିଲାଦର ଭାବେ ଲକ୍ଷ୍ମୀନାରାୟଣ ସାବତଙ୍କୁ ଗୁଣପୁରରେ ନିଯୁକ୍ତି ମିଳିଥିଲା। ଗତ କିଛିମାସର ନିଯୁକ୍ତି ପରେ ସେ ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇପଡିଥିଲେ। ଗୁଣପୁର ପଥର ଖାଦାନରେ ବିସ୍ଫୋରଣ ମାମଲାରେ ସେ ମଧ୍ୟ ନିଲମ୍ବିତ ହୋଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୟାକରୀ ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

* Microcell Pathy- A New Medical Science which based on Medicinal plants only. It offers Medical Courses for ( Promotion Development and Research of Micro Cell Pathy )
ଔଷଧୀୟ ବୃକ୍ଷ ଲତା ଉପରେ ଆଧାରିତ ଚିକିତ୍ସା ପଦ୍ଧତି
Certificate in Microcell Pathy( CMCP) Duration : 12 Month, Qualification: 10 th
Diploma in Microcell Pathy ( DMCP) Duration : 3 Years 6 Month, Qualification: 12 th(PCB)
Brilliant/ Bachelor in Microcell Pathy(BMCP) Duration : 5 Years & 6 Month, Qualification : 12th (PCB)
** All Course's conducted by:- Microcell Pathy Research and Development Foundation
Incorporated by: Ministry of Corporate Affairs* Govt. of India
(For Promotion, Development and Research of Microcell Pathy)
7503434758 9990545130

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି । ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

NO FILE CHARGE
ମାନ୍ୟତା ପ୍ରାପ୍ତ କଂମ୍ପାନୀ ଦ୍ୱାରା ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ 4G/5G ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 90,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 25,000/- + Bike
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7004335882

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲା, ୩ ଗିରଫ

ଛତ୍ରପୁର,୨୨।୧୦(ଡି.ଏନ୍.ଏ.)-ଛତ୍ରପୁର ଥାନା ଅଧିନ ବାଲିବଗଡ଼ ରାସ୍ତାରେ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଜଗତପଲ୍ଲୀ ଗାଁର ସୀମାଞ୍ଚଳ ପ୍ରଧାନ, ପୁରୁଣାପାଟଣାର ଚନ୍ଦନ ରାଉଳ ଓ ପାଲିଆ ଛତ୍ରପୁର ଗାଁର ଦିପେଶ କୁମାର ବେହେରା । ଏମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କମାନଙ୍କଠାରୁ ୧୫ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି । ଗତ ଫେବୃୟାରୀ ୨୧ ତାରିଖରେ ଛତ୍ରପୁର ଏନ୍ଏସି ଅପରବସଷ୍ଟାଣ୍ଡର ବ୍ୟବସାୟୀ ଶଙ୍କର ସାହୁ ବାଇକ୍‌ରେ ଯାଉଥିବା ବେଳେ ବାଲିବଗଡ଼ ରାସ୍ତାରେ ଅଭିଯୁକ୍ତମାନେ ଅଟକାଇ ଧମକ ଦେଇଥିଲେ । ପରେ ସେମାନେ ଶଙ୍କରଙ୍କଠାରୁ ୧୫ ହଜାର ଟଙ୍କା ଓ ୨ଟି ମୋବାଇଲ୍ ଲୁଟ୍ କରି ଚମ୍ପଟ ମାରିଥିଲେ । ଏ ନେଇ ଶଙ୍କରଙ୍କ ଏତଲାକ୍ରମେ ଛତ୍ରପୁର ଥାନାରେ ନଂ.୪୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

### ଜୁଆ ଆଡ୍ଡାରୁ ୫ ଗିରଫ

ଛତ୍ରପୁର,୨୨।୧୦(ଡି.ଏନ.ଏ)-ଗଞ୍ଜାମ ବ୍ଲକ ରାଜପୁର ଗାଁରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୁଧବାର ରାତିରେ ଛତ୍ରପୁର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୫ ଜଣଙ୍କୁ ଗିରଫ କରିବା ସହ ୯,୩୦୦ ଟଙ୍କା ଓ ୩ ମୋବାଇଲ ଫୋନ ଜବତ କରାଯାଇଥିଲା। ଏ ନେଇ ନଂ.୩୦୭/୨୦ରେ ମାମଲା ରୁଜୁ ହୋଇଛି।

### ପୋଖରୀ ହୁଡ଼ାରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ବ୍ରହ୍ମପୁର ଅଫିସ,୨୨।୧୦-ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଏମ୍‌କେସିଜି ମେଡିକାଲ ଖେଳ ପଡ଼ିଆ ସମ୍ମୁଖରେ ଥିବା ଏକ ପୋଖରୀ ହୁଡ଼ାରୁ ଗୁରୁବାର ଭୋରରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। କାନ୍ଦ ଶୁଣି ଶିଶୁପୁତ୍ରକୁ ଜଣେ ରିକ୍ସା ଚାଳକ ଉଦ୍ଧାର କରି ମେଡିକାଲକୁ ନେବା ପରେ ତାକୁ ଚାଇଲଡ୍ ଲାଇନ ହେପାଜତରେ ଏସ୍ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁଟି ସମୟ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ବେଳେ ତା'ର ଓଜନ ୧କେଜି ୨୦୦ଗ୍ରାମ ଅଛି। ଓଜନ କମ ରହିଥିବାରୁ ତାର ଅବସ୍ଥା ଜଟିଳ ରହିଛି। ଏ ସମ୍ପର୍କରେ ଚାଇଲଡ୍‌ଲାଇନ୍ ପକ୍ଷରୁ ବୈଦ୍ୟନାଥପୁର ଥାନା ଓ ଶିଶୁ ମଙ୍ଗଳ କମିଟିକୁ ଅବଗତ କରାଯାଇଥିବା ସୂଚନା ମିଳିଛି।

### ପୋଚ, ମଦ ଜବତ

ବ୍ରହ୍ମପୁର ଅଫିସ,୨୨।୧୦-ବ୍ରହ୍ମପୁର ଅବକାରୀ ବିଭାଗ କୁକୁଡ଼ାଖଣ୍ଡି ବ୍ଲକ ମିତ୍ରପୁର ଓ ସରକଟା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରି ସେଠାରେ ଚାଲିଥିବା ବେଆଇନ ଦେଶୀ ମଦଭାଟି ନଷ୍ଟ କରିଛି। ଅବକାରୀ ଟିମ୍ ମଦଭାଟିକୁ ନଷ୍ଟ କରିଥିବା ବେଳେ ଘଟଣାସ୍ଥଳରୁ ୧୦ହଜାର କେଜି ପୋଚ, ୨୨୦ ଲିଟର୍ ରନ୍ଧାମଦ ଜବତ କରି ନଷ୍ଟ କରାଯାଇଛି। ଅବକାରୀ ଅଧୀକ୍ଷକ ରାମଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗୁରୁବାର ସକାଳେ କୁକୁଡ଼ାଖଣ୍ଡି ତହସିଲଦାର ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଉପସ୍ଥିତିରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ଖବର ପାଇ ମଦ ମାଫିଆମାନେ ଫେରାର ହୋଇଯାଇଥିଲେ। ଜଙ୍ଗଲ ଭିତରେ ବେଆଇନ ମଦ ତିଆରି କରି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ବନ୍ଦ ହେବ ୧୧ ବିଦ୍ୟାଳୟ, ବଢୁଛି ଅସନ୍ତୋଷ

ଶେରଗଡ,୨୨।୧୦(ଡି.ଏନ୍.ଏ.)

**ଶେରଗଡ଼ ବ୍ଲକ**

ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା-୧୪୩୩୮/୧୨.୧୦.୨୦ ପ୍ରକାରେ ଶେରଗଡ ବ୍ଲକର ୧୧ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ନାମ ନମୋଦ କରିବାକୁ ଶେରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଜାରି କରାଯାଇଛି। ଫଳରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରେ ରହିଛି ତୁମ୍ବାଦଣ୍ଡପଲ୍ଲି ପ୍ରାଥମିକ ବିଦ୍ୟାଳୟ, ହରିକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଚ୍ୟୁତନଗର ପ୍ରାଥମିକ ବିଦ୍ୟାଳୟ ତାକରଡା, କନ୍ଦନୂଆଗଡ ପ୍ରାଥମିକ ବିଦ୍ୟାଳୟ, କାଳୀମନ୍ଦିର ପ୍ରାଥମିକ ବିଦ୍ୟାଳୟ କୁରୁଳା, ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ, ବଜାରସାହି ପ୍ରାଥମିକ ବିଦ୍ୟାଳୟ ପିଉଳ, କମଳାଦେଇପୁର ପ୍ରାଥମିକ ବିଦ୍ୟାଳୟ, ପାତ୍ରଢେପ ପ୍ରାଥମିକ ବିଦ୍ୟାଳୟ, ସନ୍ତୋଷପୁର ପ୍ରାଥମିକ ବିଦ୍ୟାଳୟ, ପଣସପଦର ପ୍ରାଥମିକ ବିଦ୍ୟାଳୟ। ଗ୍ରାମ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇଯିବା ପରେ ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ବିଦ୍ୟାଳୟ ଯିବାକୁ ବହୁଦୂର ହେବ। ଅନେକ ସ୍ଥାନରେ ରାଜପଥ ପାରି ହୋଇ ମଧ୍ୟ ଯିବାକୁ ପଡିବ, ଯାହା ଏବେ ଅଭିଭାବକଙ୍କ ଚିନ୍ତା ବଢାଇଛି। ବିଦ୍ୟାଳୟ ଖୋଲିବାକୁ ବର୍ଷ ବର୍ଷ ଲାଗିଥିବାବେଳେ ସରକାର ରାତାରାତି ବନ୍ଦ କରିଦେଉଛନ୍ତି। ବିପଦପୂର୍ଣ୍ଣ ଭାବେ ଦୂର ବିଦ୍ୟାଳୟକୁ ଆମେ ପିଲାଙ୍କୁ ଛାଡ଼ିବୁ ନାହିଁ। ତୁରନ୍ତ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ମିଳିତ ହୋଇ ଆନ୍ଦୋଳନ କରିବୁ ବୋଲି ବହୁ ଗ୍ରାମବାସୀ କହିଛନ୍ତି।

# କରୋନା ପାଇଁ ବେପାର ମାନ୍ଦା

ବ୍ରହ୍ମପୁର ଅଫିସ,୨୨।୧୦



ଗୋପାଳପୁର ଏନ୍ଏସି ମାର୍କେଟ ଖାଁ ଖାଁ ।

ଚଳିତ ବର୍ଷ କରୋନା କଟକଣା ଭିତରେ ପାଳନ ହେଉଛି ଦୁର୍ଗା ପୂଜା। ପୂଜାରେ ବିଗତ ବର୍ଷଗୁଡିକ ଭଳି ଚମକ ନାହିଁ କିମ୍ବା ଆକର୍ଷଣୀୟ ସାଜସଜ୍ଜା ଦେଖିବାକୁ ମିଳୁନାହିଁ। ଏହି ସମୟରେ ଦୋକାନ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ। କାରଣ ଏହି ସମୟରେ ଦଶହରାଠାରୁ ଆରମ୍ଭ କରି କୁମାର ପୂର୍ଣ୍ଣିମା ପଡୁଥିବାରୁ ଲୁଗା ଦୋକାନଠାରୁ ଆରମ୍ଭ କରି ସପିଂମଲ୍ ସବୁଠାରେ ଭିଡ ହୁଏ। ପୂଜାରେ ଦି ପଇସା ରୋଜଗାର କରିବାକୁ ବ୍ୟବସାୟୀ ଲକ୍ଷ୍ୟ ରଖିଥାନ୍ତି। ଏଥିସହ ଦୋକାନୀ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୟ ଅଫର୍ ଦେଇଥାନ୍ତି। ଫଳରେ ବଜାରରେ ଭିଡ଼ ପରିଲକ୍ଷିତ ହୁଏ। ବିଶେଷ କରି ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ହନୁମାନ ବଜାର, ବଡ଼ବଜାରରେ ଗ୍ରାହକମାନଙ୍କର ଲମ୍ବା ଲାଇନ ଦେଖିବାକୁ ମିଳିଥାଏ। କିନ୍ତୁ ଚଳିତବର୍ଷ ଏହା ଦେଖିବାକୁ ମିଳୁନାହିଁ। କରୋନା ଯୋଗୁ ପୂଜା ଫିକା ପଡିଛି। ଶଟ୍‌ଡାଉନ୍, ଲକ୍‌ଡାଉନ୍ ପରେ ଦୋକାନ ବଜାର ଖୋଲିଛି ସତ କିନ୍ତୁ ଭିଡ ଆଗଭଳି ନାହିଁ। ଅଧିକ ଭିଡ଼ହେଲେ ପ୍ରଶାସନର ତାଗିଦ ଥିବାରୁ ଗ୍ରାହକଙ୍କ ଭୟ ରହୁଛି। ଏଥିଯୋଗୁ ବ୍ୟବସାୟ ମାନ୍ଦା ରହିଛି। ଏ ସମ୍ପର୍କରେ ଲୋହିଆ ବ୍ରଦର୍ସ ମାଲିକ ଅଭିଷେକ ଲୋହିଆ କୁହନ୍ତି, ପ୍ରଥମତଃ ଆମେ କରୋନା କଟକଣା ମାନୁଛୁ। ଏହି ସମୟରେ ଜୀବନ ଜୀବିକା ଅତିଶୟ ହୋଇପଡ଼ିଛି। ଏବେ ବେପାର ବହୁମାତ୍ରାରେ କମିଛି, ଖାଲି ଆମର ନୁହେଁ ସମସ୍ତଙ୍କର। ଆଗଭଳି ଗ୍ରାହକ ଆଉ ଏତେ ଆସୁନାହାନ୍ତି। ବହୁତ କ୍ଷତି ସହିବାକୁ ପଡୁଛି ବୋଲି ସେ କହିଛନ୍ତି।

**କଟକଣାରେ ପୂଜା**

## ବଟଲିଂ ପ୍ଲାଣ୍ଟ ଶ୍ରମିକଙ୍କ ବିକ୍ଷୋଭ

ଆସିକା,୨୨।୧୦(ଡି.ଏନ.ଏ.)

ଆସିକା ଚିନିଶିଳ୍ପ ପକ୍ଷରୁ ପ୍ରସ୍ତୁତ ହେଉଥିବା ମଦ ପ୍ୟାକିଂରେ ନିୟୋଜିତ ବଟଲିଂ ପ୍ଲାଣ୍ଟ ଶ୍ରମିକମାନେ ଦରମା ଦାବିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ପାର୍ବଣ ଆରମ୍ଭ ହୋଇଥିଲେ ମଧ୍ୟ ଏହି ଶ୍ରମିକମାନେ ଗତ ମାସର ଦରମା ପାଇ ନ ଥିବା ଅଭିଯୋଗ କରିଥିଲେ। ଦୀର୍ଘ ସମୟ ଆନ୍ଦୋଳନ ପରେ ଶ୍ରମିକ ସଂଘ କର୍ମକର୍ତ୍ତା ଓ କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଠିକାଦାରଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ଲାଗି ନିଷ୍ପତ୍ତି ପରେ ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଚିନିଶିଳ୍ପର ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀଙ୍କୁ ପଚାରିବାରେ ସେ କହିଛନ୍ତି, ମଦ ପ୍ୟାକିଂ ଲାଗି ଦାୟିତ୍ୱ ନେଇଥିବା ଠିକାଦାରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେ କାରଖାନା ସହ ସହଯୋଗ କରୁନାହାନ୍ତି। ଘଟଣା ସମ୍ପର୍କରେ ଚିନିଶିଳ୍ପ କର୍ତ୍ତୃପକ୍ଷ ଦାୟିତ୍ୱରେ ଥିବା ପରିଚାଳନା ନିର୍ଦ୍ଦେଶକ ଓ ପ୍ରଶାସକଙ୍କ ଦୃଷ୍ଟିକୁ ଅଣାଯାଇଥିବା ସମ୍ପାଦକ ରେଡ୍ଡୀ ସୂଚନା ଦେଇଛନ୍ତି।

# କିରୋସିନ ପାଇବାରୁ ବଞ୍ଚିତ ୮ ପଞ୍ଚାୟତବାସୀ

ବୁଗୁଡ଼ା,୨୨।୧୦(ଡି.ଏନ୍.ଏ.)

**ତୁରନ୍ତ ବଣ୍ଟନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ**

ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସରେ କିରୋସିନ ଯୋଗାଇବା ନିୟମ ଥିଲେ ହେଁ କିଛି ପଞ୍ଚାୟତ ସେପ୍ଟେମ୍ବର ଓ ଅକ୍ଟୋବର ମାସର କିରୋସିନ ଏ ପର୍ଯ୍ୟନ୍ତ ଉଠାଇ ନ ଥିବାରୁ ହିତାଧିକାରୀଙ୍କୁ ମିଳିନାହିଁ। ବୁଗୁଡ଼ା ବ୍ଲକରେ ୨ମାସ ନିମନ୍ତେ କିରୋସିନ ଆସିଥିବା ବେଳେ ଅକ୍ଟୋବର ୭ ସୁଦ୍ଧା ୭୮ ହଜାର ୯୯୮ ଲିଟର କିରୋସିନ ବଣ୍ଟନ ହୋଇଛି, ୯୮ ହଜାର ୧୨୭ ଲିଟର ହୋଲ୍‌ସେଲରଙ୍କ ପାଖରେ ମହଜୁଦ ରହିଛି। ବାରମ୍ବାର କହିବା ସତ୍ତ୍ୱେ ୮ଟି ପଞ୍ଚାୟତ ଯଥା ବି. କରଡ଼ାବାଡ଼ି, ଭାମସିଆଳି, କରଚୁଲି, ଖୋଲଖାଳି, ମୋଟାବାଡ଼ି ଓ ତାକରଡା ପଞ୍ଚାୟତର ନିର୍ବାହୀ ଅଧିକାରୀମାନେ କିରୋସିନ ଉଠାଉ ନଥିବା ହୋଲସେଲର ଅଭିଯୋଗ କଲାପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ବୁଗୁଡ଼ା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବିଡ଼ିଓ ତନ୍ମୟ ପାତ୍ରଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତର କିରୋସିନ ହେଡ଼ରେ ଟଙ୍କା ନଥିବାରୁ ସେମାନେ ଉଠାଇ ପାରିନଥିଲେ। ବର୍ତ୍ତମାନ ଟଙ୍କା ଆସିଯାଇଛି ଏବଂ ଖୁବଶୀଘ୍ର କିରୋସିନ ଉଠାଯାଇ ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ ବୋଲି କହିଛନ୍ତି।

## ୪୫ ଜୁଆଡ଼ି ଗିରଫ

### ୧ଲକ୍ଷ ୮୯ ହଜାର ଜବତ

ବ୍ରହ୍ମପୁର ଅଫିସ,୨୨।୧୦

ପୋଲିସ ବ୍ରହ୍ମପୁର ସହରରେ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜୁଆଆଡ୍ଡା ଠାବ କରିଛି। ଏଠାରୁ ୪୫ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ ୧ଲକ୍ଷ ୮୯ହଜାର ୨୪୦ଟଙ୍କା ଜବତ କରାଯାଇଛି। ଟାଉନ୍ ଥାନା ପୋଲିସ ବୁଧବାର ରାତି ପ୍ରାୟ ସାଢ଼େ ୧୦ ଟାରେ ଧର୍ମନଗର ଅଞ୍ଚଳରେ ଚଢ଼ାଉ କରି ଏକ ଜୁଆଅଡ୍ଡାରୁ ୯ଜଣଙ୍କୁ ଗିରଫ କରି ୩୬ହଜାର ୨ଶହ ଟଙ୍କା ଜବତ କରିଥିଲା। ସେହିପରି ପୁଣିଥରେ ବିଳମ୍ବିତ ରାତିରେ କର୍ପୋରେଶନ୍ ରୋଡ୍‌ରେ ଚଢ଼ାଉକରି ୧୧ଜଣଙ୍କୁ ଗିରଫ କରି ୮୮ହଜାର ୪ଶହ ଟଙ୍କା ଜବତ କରିଥିଲା। ଅନ୍ୟପଟେ ବୈଦ୍ୟନାଥପୁର ଥାନା ପୋଲିସ ଏମ୍‌କେସିଜି ମେଡିକାଲ କ୍ୟାମ୍ପସ୍‌ରେ ଚଢ଼ାଉ କରି ୨୫ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬୪ହଜାର ୬୪୦ଟଙ୍କା ଜବତ ହୋଇଥିବା ବେଳେ ୨୦ ମୋବାଇଲ୍ ଓ ୮ବାଇକ୍ ଜବତ ହୋଇଛି। ଗିରଫ ସମସ୍ତ ୪୫ ଜୁଆଡିଙ୍କୁ ଧାରା ୪୧ ସିଆରପିସି ଅନୁସାରେ ଥାନାରୁ ଜାମିନରେ ଛଡ଼ାଯାଇଥିବା ପୋଲିସ କହିଛି।

# ଶରୀରକୁ ସୁସ୍ଥ ରଖେ ଯୋଗ

ଆସିକା,୨୨।୧୦(ଡି.ଏନ.ଏ.)



ଯୋଗାଭ୍ୟାସ ଚାଲିଛି।

ଆସିକା ଏନ୍ଏସି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ସକାଳେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରସନ୍ନ କୁମାର ଦାସ ଓ ଗୁଣ୍ଡିଚା ମହାରଣା ପ୍ରଶିକ୍ଷକ ଭାବେ ଯୋଗ ଶିକ୍ଷା ଦେଇଥିଲେ । ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ନିମନ୍ତେ ଯୋଗ ଓ ପ୍ରାଣାୟମ କରିବା ଆବଶ୍ୟକ। ସଂପ୍ରତି କରୋନା ମହାମାରୀରେ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ବୃଦ୍ଧି ନିମନ୍ତେ ଯୋଗର ଆବଶ୍ୟକତା ସମ୍ପର୍କରେ ଶିବିରରେ ଆଲୋଚନା କରାଯାଇଥିଲା। ଏନ୍ଏସି ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଏନ୍ଏସି କର୍ମଚାରୀ, ସ୍ୱଚ୍ଛସାଥୀ ଓ ସହରର ବହୁ ଯୋଗ ଦେଇ ଯୋଗଭ୍ୟାସ କରିଥିଲେ ।

# ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ମନ୍ତ୍ରୀ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୨୨।୧୦(ଡି.ଏନ.ଏ)

ଭଞ୍ଜନଗର ଏନ୍ଏସିର ୧୨୨ ହିତାଧିକାରୀଙ୍କୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ବିଭିନ୍ନ ଭତ୍ତା ବଣ୍ଟନ କରିଛନ୍ତି। ଏହା ପୂର୍ବରୁ ଭଞ୍ଜନଗର ବ୍ଲକର ୧୯୭ ହିତାଧିକାରୀଙ୍କୁ ମଧ୍ୟ ମନ୍ତ୍ରୀ ଭତ୍ତା ବଣ୍ଟନ କରିଥିଲେ। ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି ବଜାର ପ୍ରାଙ୍ଗଣ ପରିସରରେ ସାମାଜିକ ଦୂରତ୍ୱ ବଜାୟ ରଖି ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଆରୁଖ କହିଥିଲେ, ରାଜ୍ୟ ସରକାର ଆଗୁଆ ଅନେକ ପଦକ୍ଷେପ ନେଇଥିବାରୁ କରୋନା ନିୟନ୍ତ୍ରଣକୁ ଆସିଛି। ହେଲେ କରୋନା ସମ୍ପୂର୍ଣ୍ଣ ଯାଇନାହିଁ। ତେଣୁ ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ଓ ବାରମ୍ବାର ହାତ ଧୋଇବାକୁ ପଡ଼ିବ। ଓଡିଶାରେ କରୋନା ରୋଗୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ଅନ୍ୟ କୌଣସି ରାଜ୍ୟରେ ଏପରି ସୁବିଧା ମିଳୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଚିତ ପଦକ୍ଷେପ ଯୋଗୁ ଏହା ସମ୍ଭବପର ହୋଇପାରିଛି ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ ପ୍ରଧାନ, ବ୍ଲକ ଅଧକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଯନ୍ତ୍ରୀ ସୁଶାନ୍ତ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ।

# ହରିକୃଷ୍ଣ ଖବରକାଗଜ ବିତରକ ସଂଘ ସଭାପତି



ହରିକୃଷ୍ଣ ପାଢୀ



ଏସ୍. ଆନନ୍ଦ ରାଓ



ସନ୍ତୋଷ କୁମାର ପାଣିଗ୍ରାହୀ

ବ୍ରହ୍ମପୁର ଅଫିସ,୨୨।୧୦

ବ୍ରହ୍ମପୁର ଖବରକାଗଜ ବିତରକ ସଂଘ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରିକୃଷ୍ଣ ପାଢୀ ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଏସ୍. ଆନନ୍ଦ ରାଓ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିପରି ସନ୍ତୋଷ କୁମାର ପାଣିଗ୍ରାହୀ କୋଷାଧ୍ୟକ୍ଷ, ଧର୍ମା ରେଡ୍ଡୀ ଉପସଭାପତି, ପ୍ରତାପ ପାତ୍ର ସହସମ୍ପାଦକ, ବସନ୍ତ କୁମାର ପଣ୍ଡା ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଛନ୍ତି। ଦେବରାଜ ରେଡ୍ଡୀ, ଦୀନବନ୍ଧୁ ସାମନ୍ତରାୟ, ବାବୁଲା ବେହେରା, ନିରଞ୍ଜନ ନାୟକ, ମୁନା ବ୍ରହ୍ମା, ଆର. ଆନନ୍ଦ ରାଓ, ଭୀମସେନ ସାବତ, ବିନୋଦ ବିହାରି ପୃଷ୍ଟି, ବାବୁଲା ପାଢୀ ଓ ସଞ୍ଜୟ ନାୟକ ପ୍ରମୁଖ ସଂଘ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# କୃଷି କାର୍ଯ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବୁଗୁଡ଼ା,୨୨।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କୃଷି କାର୍ଯ୍ୟାଳୟରେ କୃଷି, କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ବଳରାମ ଯୋଜନା ଆନୁକୂଲ୍ୟରେ ଗୁରୁବାର କୃଷକ ସାଥୀ କୃଷି ଓ ଉଦ୍ୟାନ କୃଷି ଗ୍ରାମ୍ୟ ସମ୍ପ୍ରସାରଣ କର୍ମଚାରୀଙ୍କ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ କେ. ଉମାଶଙ୍କର ରାଓ, ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ପୃଷ୍ଟି ଯୋଗଦେଇ ରାଜ୍ୟ ସରକାରଙ୍କ ବଳରାମ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କୃଷକ ସାଥୀମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଡ. ସୁଦର୍ଶନ ରାଓ ଏବଂ କୃଷି ବୈଷୟିକ ପରିଚାଳନା ସଂସ୍ଥା ବୁଗୁଡ଼ାର ଅଧ୍ୟକ୍ଷ ମୁକୁନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କାଠ ଜବତ, ଦୁର୍ବୃତ୍ତ ଫେରାର

ବୁଗୁଡ଼ା,୨୨।୧୦(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ କିରିଆମ୍ବା ଜଙ୍ଗଲରୁ ପୋଢ଼ ହଳ ସାହାଯ୍ୟରେ ୫ ଦୁର୍ବୃତ୍ତ ଗୁରୁବାର ସକାଳେ କାଠ ଚୋରି କରି ନେଉଥିବା ବେଳେ ବନ କର୍ମଚାରୀଙ୍କୁ ଦେଖି ପଳାଇଥିଲେ। ଘଟଣାସ୍ଥଳରୁ ୫୦ ଘନଫୁଟ ଆମ୍ବଗଣ୍ଡି ଜବତ କରାଯାଇଛି। ୫ ହଳ ପୋଢ଼ ସାହାଯ୍ୟରେ ଦୁର୍ବୃତ୍ତମାନେ କାଠ ନେଉଥିବା ଖବର ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସଦଳବଳ ପିଛା କରିଥିଲେ। ମରେଇପଲ୍ଲୀ ନିକଟରେ ପୋଢ଼ ହଳ ଫିଟାଇ ଦେଇ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି,୨୨।୧୦(ଡି.ଏନ୍.ଏ.)

**ତାମାଙ୍ଗି ଜଙ୍ଗଲରେ ବୃଦ୍ଧଙ୍କୁ ହତ୍ୟା ଘଟଣା**



ଏସ୍‌ଡିପିଓ ଘଟଣାସ୍ଥଳକୁ ଯାଉଛନ୍ତି ।

ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ତାମାଙ୍ଗି ଜଙ୍ଗଲରେ ବୁଧବାର ସାନଅଡ଼ିସା ମଲିକ(୬୦)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଦୁର୍ଗମ ଅଞ୍ଚଳ ଓ ଖବର ପାଇଲାବେଳକୁ ସନ୍ଧ୍ୟା ହୋଇଯାଇଥିବାରୁ ପୋଲିସ ପହଞ୍ଚି ପାରି ନ ଥିଲା। ଗୁରୁବାର ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ସାନଅଡ଼ିସାଙ୍କ ପୁଅ ମନୋଜ ଏବଂ ସ୍ତ୍ରୀ କ୍ରେପୁମାଙ୍ଗାଙ୍କ ସହ ଗ୍ରାମର କେତେଜଣଙ୍କୁ ପଚରାଉଚରା କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ଏସ୍‌ଡିପିଓ କହିଛନ୍ତି। ସେ କହିଛନ୍ତି ଯେ, ତାମାଙ୍ଗି ଠାରୁ ପ୍ରାୟ ୫ରୁ ୬କିମି ପାହାଡ଼ିଆ ଘାଟି ରାସ୍ତାରେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ପୂର୍ବ ଯୋଜନା ପ୍ରକାରେ ହତ୍ୟା କରାଯାଇଥିବା ଅନୁମାନ ହେଉଛି। ଏନେଇ ବ୍ରାହ୍ମଣୀଗାଁ ଥାନାରେ ନଂ.୭୮/୨୦ରେ ମାମଲା ରୁଜୁ କରାଯାଇଛି।

ବୁଧବାର ସକାଳେ ସ୍ତ୍ରୀ ଓ ପୁଅଙ୍କ ସହ ଜଙ୍ଗଲକୁ ଯାଉଥିବା ବେଳେ ସାନଆଡିସାଙ୍କୁ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ପରିବାର ଲୋକେ ଏନେଇ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ କରିଥିଲେ।

# ବିଏମ୍‌ସି କର୍ମଚାରୀଙ୍କ ସାଇକେଲ ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୨୨।୧୦




ବିଏମ୍‌ସି ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା ।

କୋଭିଡ୍-୧୯ ଓ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସାଇକେଲରେ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି କରୋନା ସମ୍ପର୍କରେ ସଚେତନ କରିଥିଲେ। ଏଥିସହ ଜାନୁୟାରୀରେ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ସମ୍ପର୍କରେ ମଧ୍ୟ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରା ବିଏମ୍‌ସିରୁ ବାହାରି କର୍ପୋରେଶନ ରୋଡ, ଆସ୍କାରୋଡ, ଗେଟବଜାର, ନୂଆବସ୍‌ଷ୍ଟାଣ୍ଡ, ଏମ୍‌କେସିଜି,ଇଞ୍ଜିନିୟରିଂ ସ୍କୁଲ ଛକ, ଆଙ୍କୁଲି ଓଭରବ୍ରିଜ, ଲାଞ୍ଜିପଲ୍ଲୀ, କମାପଲ୍ଲୀ ଛକ, ଟାଟାବେଞ୍ଚ, ଖଲ୍ଲିକୋଟ କଲେଜ ଛକ, କଂଗ୍ରେସ ଅଫିସ ଛକ, ଗାନ୍ଧୀନଗର ରୋଡ ଦେଇ ବିଏମ୍‌ସି କାର୍ଯ୍ୟାଳୟ ପାଖରେ ପହଞ୍ଚିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ରେମାଞ୍ଚଳ ଖମାରୀଙ୍କ ସମେତ ବିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।

**ସ୍ୱଚ୍ଛ ସର୍ବେକ୍ଷଣ ସଚେତନତା**

